DHARITRI.COM

Vol VIII Issue No.49 Sunday, 18 February 2007



**New York Times Newspaper**
Phoenix - Get Home Delivery for as little as $2.99 per week!
www.nytimes.com

**Day You Were Born News**
Any Date City State Fast svc. Birthday Anniversary 800-544-8345
www.newspaper-headlines.com

**Hindu Wedding Photography**
Professional Photographer Hindu, Panjabi, Gujarati, Cultural
www.photobyrupesh.com

**Newspaper Publisher Mgmt**
Learn How SAP Can Help Media Companies Stay Competitive!
SAP.com/Newspapers

Ads by Goooooogle Advertise on this site

previous || next

# ଆଇଆଇଟି ସ୍ଥାନାନ୍ତର ଓ ନିଦ୍ରିତ ଓଡ଼ିଆ/ଅକୁହା କଥା/ବ୍ରଜ କିଶୋର ସାହୁ

Click to enlarge text: A A A A

ଓଡିଶାରେ ଆଇଆଇଟି ହେବନାହିଁ ବୋଲି ନିକଟରେ କେନ୍ଦ୍ର ମାନବସମ୍ବଳ ସଚିବ ଆର.ପି. ଅଗ୍ରୱାଲ ପ୍ରକାଶ କରିବା ପରେ ଏହାକୁ ନେଇ ଏବେ ସର୍ବତ୍ର ଆଲୋଚନା ଚାଲିଛି । ଉକ୍ତ ଇସ୍ୟୁକୁ ନେଇ ବିଜେଡି, ଭାଜପା ଓ କଂଗ୍ରେସ ନେତାଙ୍କ ମଧ୍ୟରେ ଆରମ୍ଭ ହୋଇଯାଇଛି ଆରୋପ, ପ୍ରତିଆରୋପ, କାଦୁଅ ଫିଙ୍ଗା ରାଜନୀତି । ପ୍ରତ୍ୟେକ ଓଡିଆ ହୃଦୟଙ୍ଗମ କରିବା ଉଚିତ ଯେ, ଅବହେଳିତ ଗରିବ ଓଡିଶାକୁ ଦେଶବିଦେଶରୁ ଯେହେତୁ ବଡ ବଡ ଶିଳ୍ପପତିମାନେ ଆଗେଇ ଆସୁଛନ୍ତି ଶିଳ୍ପ ପ୍ରତିଷ୍ଠା ଲକ୍ଷ୍ୟରେ, ଆଖିବୁଜା ସେମାନଙ୍କୁ ବିରୋଧ ନ କରି ରାଜ୍ୟର ସ୍ୱାର୍ଥଦୃଷ୍ଟିରୁ ସମସ୍ତେ ମିଳିମିଶି ସହଯୋଗର ହାତ ବଢାଇବା ଉଚିତ । ଶିଳ୍ପ ଆସିଗଲେ ବହୁ କୁଶଳୀ ବୈଷୟିକ ଯୁବତୀଯୁବକଙ୍କର ଆବଶ୍ୟକ । ସେଥିପାଇଁ ବୈଷୟିକ ଶିକ୍ଷାର ଶ୍ରେଷ୍ଠ ଗୁଣାତ୍ମକ ଅନୁଷ୍ଠାନ  ଆଇଆଇଟି ଭଳି ଅନୁଷ୍ଠାନର ଆବଶ୍ୟକତା ଏ ରାଜ୍ୟ ପାଇଁ ଜରୁରୀ ହୋଇପଡିଛି । ପାଟନାଠାରେ କେନ୍ଦ୍ର ମାନବ ସମ୍ବଳ ରାଷ୍ଟ୍ରମନ୍ତ୍ରୀ ଘୋଷଣା କରିଥିଲେ ଯେ, ପାଟନା ଓ ଭୁବନେଶ୍ୱରଠାରେ ଦୁଇଟି ଆଇଆଇଟି ପ୍ରତିଷ୍ଠା କରାଯିବ । ଏବେ କିନ୍ତୁ ସମ୍ପୃକ୍ତ ବିଭାଗର ସଚିବ ନକାରାତ୍ମକ ମନ୍ତବ୍ୟ ଦେବାଦ୍ୱାରା ଏହା ପ୍ରତ୍ୟେକ ଓଡିଆଙ୍କ ମନରେ ଆଘାତ ଦେଇଛି ନିଶ୍ଚୟ । କିନ୍ତୁ ତଥାପି ଓଡିଆ ପାଟି ଖୋଲୁନି, ପ୍ରତିବାଦ ନାହିଁ । ପ୍ରତିବାଦର ସଂଜ୍ଞା ଓଡିଆ ପାସୋରି ପକାଇଛି । ଏବେ ଦେଶର ଶାସନ ସମୀକରଣ ଯାହା ବହୁ ରାଜ୍ୟରେ କ୍ଷମତାରେ ଥିବା ଦଳ କେନ୍ଦ୍ର କ୍ଷମତାରେ ଥିବା ଦଳଠାରୁ ଭିନ୍ନ । ସେମାନଙ୍କର ଆଭିମୁଖ୍ୟ ଓ ଦଳର ନୀତି ମଧ୍ୟ ଭିନ୍ନ । ତେଣୁ ସେମାନେ ସେମାନଙ୍କ ନିଜ ନିଜ ରାଜ୍ୟରେ ବହୁମୁଖୀ ପ୍ରଗତି ପାଇଁ ସଦାଚେଷ୍ଟିତ । ଏଭଳି ପ୍ରତିଯୋଗିତାରେ ଯେଉଁ ରାଜ୍ୟ ସରକାରଙ୍କର ପଲା ଭାରି ପଡେ (ରାଜନୈତିକ ସମୀକରଣ ଦୃଷ୍ଟିରୁ) କିମ୍ବା ଯେଉଁ ରାଜ୍ୟର ଶାସନ ମୁଖ୍ୟ ଅଧିକ ପାରଙ୍ଗମ ସେମାନେ ସେମାନଙ୍କ ଅଧିକାର କେନ୍ଦ୍ରଠାରୁ ଏକପ୍ରକାର ଜୋରଜବରଦସ୍ତ ଭଳି ନେଇଥାଆନ୍ତି । ଓଡିଶା ବୋଧହୁଏ ଗୋଟିଏ ରାଜ୍ୟ କେନ୍ଦ୍ରଠାରେ ଦାବି କରି ନିଜର ନ୍ୟାଯ୍ୟ ଅଧିକାର ହାସଲ କରିବାରେ ବିଫଳ ହେଲେ ମଧ୍ୟ ଉପଯୁକ୍ତ ପ୍ରତିବାଦ ପାର୍ଲାମେଂଟରେ ହୋଇପାରେନା । ମାନସିକ ସ୍ତରରେ

previous || next



JeevanSathi.com Feedback - Ads by Google

©2004 Dharitri All Rights Reserved.
Send all feedback / comments to webmail@dharitri.com.
Advertisement inquiries contact advt@dharitri.com.